# ଗଣବଳାତ୍କାର: ମୁଖ୍ୟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଯାଜପୁର ରୋଡ୍,୧୬।୪(ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ପାଟପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଗଣବଳାତ୍କାର ମାମଲାରେ ଯାଜପୁରରୋଡ୍ ଅତିରିକ୍ତ ଜିଲା ଦୌରାଜଜ୍ ମାନସ କୁମାର ପଣ୍ଡା ଶନିବାର ମୁଖ୍ୟ ଅଭିଯୁକ୍ତ ସବ୍ୟସାଚୀ ବେହେରାଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ବିଚାରପତି ୧୦ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାରକରି ଏହି ଦଣ୍ଡାଦେଶ ହେବା ସହ ପୀଡ଼ିତାଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୧।୪।୨୦୧୯ରେ ସବ୍ୟସାଚୀ ସୁକିନ୍ଦା ଥାନା ପାଟପୁର ଛକରେ ଏକ ବୋଲେରୋ ରଖି ରାସ୍ତାକଡ଼ ପାନଦୋକାନକୁ ଗୁଟ୍‌ଖା ଆଣିବାକୁ ଯାଇଥିଲେ। ହେଲେ ଦୋକାନରେ ମାଲିକ ନ ଥିବାବେଳେ ତାଙ୍କ ଝିଅ ବେପାର ସମ୍ଭାଳୁଥିଲେ। ଯୁବତୀ ଜଣକ ଗୁଟ୍‌ଖା ଦେବାକୁ ହାତ ବଢ଼ାଇବାବେଳେ ତାଙ୍କୁ ସବ୍ୟସାଚୀ ଘୋଷାରି ଆଣି ବୋଲେରୋରେ ଜବରଦସ୍ତ ବସାଇଥିଲେ। ବିଭିନ୍ନ ସ୍ଥାନ ବୁଲେଇ ବୁଲେଇ ଶେଷରେ ଯାଜପୁରରୋଡ୍ ଥାନା ଧବଳଗିରିସ୍ଥିତ ଏକ ଘରୋଇ ଆଇଟିଆଇ ସେଣ୍ଟରରେ ରଖି ସେ ଏବଂ ତାଙ୍କ ସହଯୋଗୀ ଗଣବଳାତ୍କାର କରିଥିଲେ। ଏନେଇ ଯୁବତୀଙ୍କ ବାପାଙ୍କ ଅଭିଯୋଗ ମୁତାବକ ସୁକିନ୍ଦା ଥାନାରେ ଆଇପିସି ଦଫା ୩୭୬ (ଡି), ୩୬୬ ଅନୁଯାୟୀ ୧୧୭/୨୦୧୯ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ ଏହି ମାମଲାର ତଦନ୍ତ କରିଥିଲେ। ଉକ୍ତ ମାମଲାକୁ ଯାଜପୁର ରୋଡ୍ ଅଦାଲତର ସରକାରୀ ଓକିଲ ରଜତ କୁମାର ରାଉତ ପରିଚାଳନା କରିଥିଲେ।

# ଏମ୍‌ସ ସାଟେଲାଇଟ୍ ସେଣ୍ଟରରେ ଓପିଡି ସେବା

ବାଲେଶ୍ୱର ଅଫିସ, ୧୬।୪


ଚିକିତ୍ସା ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବା ରୋଗୀ।

ବାଲେଶ୍ୱର ଜିଲା ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ରେମୁଣାଠାରେ ନବନିର୍ମିତ ଏମ୍‌ସ ସାଟେଲାଇଟ୍ ସେଣ୍ଟରର ନିଜସ୍ୱ କୋଠାରେ ଶନିବାରଠାରୁ ଓପିଡି ସେବା ଆରମ୍ଭ ହୋଇଛି। ପୂର୍ବାହ୍ନ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏଣ୍ଡୋକ୍ରାଇନୋଲୋଜି, ଜେନେରାଲ ସର୍ଜରି ଓ ଚର୍ମ ରୋଗ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ସେବା ପ୍ରଦାନ କରିଥିଲେ।

ପ୍ରଥମ ଦିନରେ ଆଇଟିଆର୍ ନିର୍ଦ୍ଦେଶକ ଏଚ୍.କେ. ରଥ ଭୁବନେଶ୍ୱର ଏମ୍‌ସରୁ ଆସିଥିବା ୩ଜଣ ଡାକ୍ତର ଡା. କିଶୋର କୁମାର ବେହେରା, ଡା. ଶାନ୍ତନୁ କୁମାର ସାହୁ ଓ ଡା. ମନୋଜ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଥମ ଦିନରେ ୩ଟି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ୧୨୪ରୋଗୀଙ୍କୁ ଚିକିତ୍ସା କରିଛନ୍ତି। କରୋନା ସମୟରେ ବନ୍ଦ ରହିଥିବା ଏମ୍‌ସର ଆଉଟ୍‌ଡୋର ସେବା ପୁନଃ କାର୍ଯ୍ୟକ୍ଷମ ହୋଇଛି। ସେହିପରି ରେଗୁଲାର ଓପିଡିର ଉଦ୍‌ଘାଟନ ହେବା ପର୍ଯ୍ୟନ୍ତ ସାମୟିକ ଭାବେ ଏହି ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ଶନିବାର ଓ ରବିବାର ପ୍ରଦାନ କରାଯିବ। ତେବେ ଶନିବାର ପ୍ରଥମ ଦିନରେ ରୋଗୀମାନେ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଓପିଡି ସେବା ଆରମ୍ଭ କରିଥିଲେ। ଏମ୍‌ସ ସାଟେଲାଇଟ୍ ସେଣ୍ଟର ନୋଡ଼ାଲ ଅଫିସର ଡା. ମୁକୁନ୍ଦ କୁମାର ସାହୁ, ଏମ୍‌ସ ବାଲେଶ୍ୱର ଇନଚାର୍ଜ ପ୍ରଫେସର ଡା. ସରୋଜ ଦାସ ମଜୁମଦାର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୪୦ ଡିଗ୍ରୀ ଉପରେ ୧୫ ସହର

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ରାଜ୍ୟରେ ତାତିର ପ୍ରକୋପ ବଢ଼ୁଛି। ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଶନିବାର ରାଜ୍ୟର ୧୫ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ସୂଚନାନୁଯାୟୀ ସୋନପୁରରେ ତାପମାତ୍ରା ସର୍ବାଧିକ ୪୩.୫ ଡିଗ୍ରୀ, ବଲାଙ୍ଗୀର ୪୩, ଅନୁଗୋଳ ୪୨.୭, ତାଳଚେର ୪୦.୪, ଭବାନୀପାଟଣା ୪୧.୨, ଫୁଲବାଣୀ ୩୯.୦, ଟିଟିଲାଗଡ଼ ୪୧.୫, ନୟାଗଡ଼ ୪୦.୦, ବୌଦ୍ଧ ୪୨.୫, ପାରଳାଖେମୁଣ୍ଡି ୪୧.୫, ଚାନ୍ଦବାଲି ୩୯, କଟକ ୩୮, ଭୁବନେଶ୍ୱର ୩୮.୧, ବାରିପଦା ୪୧.୮, ଝାରସୁଗୁଡ଼ା ୪୨.୬, କେନ୍ଦୁଝର ୪୦.୧, ସୁନ୍ଦରଗଡ଼ ୪୨.୫, ହୀରାକୁଦ ୪୦.୩, ଭଦ୍ରକ ୩୯.୫ ଏବଂ ଯାଜପୁର ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହୋଇପାରେ।

# ବନ୍ୟା, ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରୁହ

## ଜିଲାପାଳଙ୍କୁ ଚିଠି ଲେଖିଲା ଜଳ ସମ୍ପଦ ବିଭାଗ

ଭୁବନେଶ୍ୱର,୧୬।୪(ବ୍ୟୁରୋ)

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକ ହେବ ବୋଲି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଆସନ୍ତା ମୌସୁମୀ ସମୟରେ ବାତ୍ୟା ଓ ବନ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଶନିବାର ସମସ୍ତ ଜିଲାପାଳଙ୍କୁ ଚିଠି ଦିଆଯାଇଛି। ଓଡ଼ିଶାରେ ମେ’ ଓ ଜୁନ୍‌ରେ ବାତ୍ୟା ଆଶଙ୍କା ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଆଗୁଆ ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ କୁହାଯାଇଛି। ଗତ ୮ରେ ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ସହ ରାଜ୍ୟରେ ଥିବା ଦୁର୍ବଳ ନଦୀବନ୍ଧଗୁଡ଼ିକୁ ଚିହ୍ନଟ କରି ମରାମତି କାର୍ଯ୍ୟ ଏପ୍ରିଲ ୧୬ରୁ ୨୬ ତାରିଖ ମଧ୍ୟରେ କରିବା ପାଇଁ ଆଗୁଆ ପଦକ୍ଷେପ ନେବାକୁ କ୍ଷେତ୍ରସ୍ତରୀୟ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଜଳ ସମ୍ପଦ ବିଭାଗ ଇଞ୍ଜିନିୟରମାନଙ୍କୁ ସହାୟତା ଦେବା ସକାଶେ ଉପଜିଲାପାଳ, ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲାପାଳମାନଙ୍କୁ କୁହାଯାଇଛି।

# ଜେଲରେ ୨ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଜେରା

## କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା

ଭଦ୍ରକ ଅଫିସ,୧୬।୪

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଭଦ୍ରକ ସ୍ୱତନ୍ତ୍ର ଉପକାରାଗାରରେ ଥିବା ଦୁଇ ଅଭିଯୁକ୍ତ ବିବେକ ନାୟକ ଓ ଭାଗ୍ୟଧର ନାୟକଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ଜେରା କରିଛି। ପୂର୍ବାହ୍ନ ୧୧ଟା ୨୫ରେ କ୍ରାଇମବ୍ରାଞ୍ଚର ୩ଜଣିଆ ଟିମ୍‌ରେ ଡିଏସ୍‌ପି କଳ୍ପନା ସାହୁ, ଶରତ କୁମାର ସାହୁ ଓ ନରେନ୍ଦ୍ର ବେହେରା ଭଦ୍ରକ ଜେଲରେ ପହଞ୍ଚି ସେମାନଙ୍କୁ ପୃଥକ୍ ଭାବେ ଜେରା ଆରମ୍ଭ କରିଥିଲେ। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସହ ଏହି ଦୁଇଜଣଙ୍କର କ’ଣ ଲିଙ୍କ୍ ଥିଲା, ମାନସଙ୍କୁ ଅପହରଣ କରି ନେବା ବିଷୟରେ ଏମାନେ ଜାଣିଥିଲେ କି ନାହିଁ, କାହିଁକି ଅପହରଣ କରାଯାଇଥିଲା, ଏପରିକି ଅପହରଣଠାରୁ ନିର୍ଯାତନା ଓ ପରେ ହତ୍ୟା କରି ମୃତଦେହକୁ ପୋତିବା ପର୍ଯ୍ୟନ୍ତ ସେମାନଙ୍କର ସମ୍ପୃକ୍ତି ଅଛି କି ନାହିଁ ଆଦି ବିଭିନ୍ନ ଦିଗ ଉପରେ ଅଧିକ ପଚରାଉଚରା କରାଯାଇଛି। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ମାରାଥନ ଜେରା କରାଯାଇଥିବା ବେଳେ ସେମାନଙ୍କଠାରୁ ମିଳିଥିବା ତଥ୍ୟ ସମ୍ପର୍କରେ କ୍ରାଇମବ୍ରାଞ୍ଚ ପ୍ରକାଶ କରିନାହିଁ।

ଶର୍ମିଷ୍ଠାଙ୍କ ସମେତ ୮ ଅଭିଯୁକ୍ତ ଗିରଫ ହୋଇ ଭଦ୍ରକ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ପୂର୍ବରୁ ଦୁଇଥର କ୍ରାଇମବ୍ରାଞ୍ଚ ଟିମ୍ ଶର୍ମିଷ୍ଠାଙ୍କୁ ରିମାଣ୍ଡରେ ନେଇଥିଲେ ମଧ୍ୟ ମାନସଙ୍କୁ ହତ୍ୟା ପଛର କାରଣ କୁହାଯାଉଥିବା ମେମୋରି ଚିପ୍ ସମ୍ପର୍କରେ କୌଣସି ଖୁଲାସା ହୋଇପାରି ନାହିଁ। ଚାନ୍ଦବାଲି ପୋଲିସ ପ୍ରଥମେ ୩ ଜଣ ବିବେକ, ଭାଗ୍ୟଧର ଓ କୃଷ୍ଣଚନ୍ଦ୍ର ନାୟକଙ୍କୁ ଗିରଫ କରିଥିଲେ ସୁଦ୍ଧା ସେମାନଙ୍କୁ କୌଣସି ପଚରାଉଚରା କରି ନ ଥିଲା। କ୍ରାଇମବ୍ରାଞ୍ଚ ମଧ୍ୟ ଏହି ୩ ଅଭିଯୁକ୍ତଙ୍କୁ ଜେରା କରି ନ ଥିଲା। ବିବେକ ଓ ଭାଗ୍ୟଧରଙ୍କୁ ଜେରା କରିବା ପାଇଁ ଗତ ୧୩ ତାରିଖରେ ଚାନ୍ଦବାଲି ଜେଏମ୍‌ଏଫ୍‌ସିରେ ଆବେଦନ କରିଥିଲା କ୍ରାଇମବ୍ରାଞ୍ଚ।

ପ୍ରକାଶ ଯେ, ଏହା ପୂର୍ବରୁ ଗତ ମାର୍ଚ୍ଚ ୨୯ରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ନିରଞ୍ଜନ ସେଠୀ, ରଞ୍ଜନ ନାୟକ, ଶର୍ମିଷ୍ଠା ଏବଂ ଝୁନା ଭୋଇଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରିବା ପରେ ପ୍ରଥମ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡରେ ନେଇ ଶର୍ମିଷ୍ଠା ଓ ଝୁନାଙ୍କୁ ଜେରା କରିଥିଲା। ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଚଳିତମାସ ୩ ତାରିଖରେ ଦୁଇଜଣଙ୍କୁ ରିମାଣ୍ଡରେ ନେଇଥିଲା। ୭ତାରିଖରେ ରିମାଣ୍ଡ ଅବଧି ସରିବାରୁ ଭଦ୍ରକ ଜେଲକୁ ପଠାଇ ଦିଆଯାଇଥିଲା। ୧୧ ତାରିଖରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମସ୍ତ ଅଭିଯୁକ୍ତଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରାଯାଇଥିଲା। ୧୩ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚାନ୍ଦବାଲି କୋର୍ଟରେ ଦୟାଲ ଆଶ୍ରମର କେୟାରଟେକରଙ୍କ ସିଆର୍‌ପିସି ୧୬୪ ବୟାନ ରେକର୍ଡ କରାଯାଇଥିଲା।

# ପରିବାର ଅଦାଲତରେ ସାକ୍ଷ୍ୟ ଦେଲେ ଅନୁଭବ

## ବର୍ଷାଙ୍କ ସହ ବିବାହ ବିଚ୍ଛେଦ ମାମଲା

କଟକ ଅଫିସ, ୧୬।୪

ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲାରେ କଟକ ପରିବାର ଅଦାଲତରେ ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। ଅନୁଭବଙ୍କୁ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ଓକିଲ ଜେରା କରିଛନ୍ତି। ପରିବାର ଅଦାଲତରେ ଅନୁଭବ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିବା ସହିତ ଦାଖଲ ନଥିପତ୍ର ଚିହ୍ନଟ କରିଥିଲେ। ଏଥିସହ ଉକ୍ତ ମାମଲାର ତ୍ୱରିତ ଶୁଣାଣି କରିବାକୁ ସେ ଅଦାଲତଙ୍କୁ ନିବେଦନ କରିଥିଲେ। ଅନୁଭବଙ୍କୁ ବର୍ଷାଙ୍କ ଓକିଲ ବିଭିନ୍ନ ପ୍ରଶ୍ନ ଜେରା ସମୟରେ ପଚାରିଥିଲେ। ସୂଚନାଯୋଗ୍ୟ, ଛାଡ଼ପତ୍ର ପାଇଁ ଅନୁଭବ ଦାଏର କରିଥିବା ଆବେଦନ ସହ ଦାମ୍ପତ୍ୟ ସମ୍ପର୍କ ସୁରକ୍ଷା ଲାଗି ବର୍ଷା ରୁଜୁ କରିଥିବା ଆବେଦନର ଏକତ୍ର ଶୁଣାଣି ପରିବାର ଅଦାଲତରେ ଚାଲିଛି। ଅନୁଭବ ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ଛାଡ଼ପତ୍ର ପାଇଁ ୨୦୨୦ ଜୁଲାଇ ୬ରେ ପିଟିଶନ୍ ଦାଖଲ କରିଥିଲେ। ଏହି ଛାଡ଼ପତ୍ର ମାମଲାକୁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତର ପାଇଁ ବର୍ଷା ୨୦୨୦ ସେପ୍ଟେମ୍ବର ୧୯ରେ ସୁପ୍ରିମେକାର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୧ ମାର୍ଚ୍ଚ ୫ରେ ସୁପ୍ରିମକୋର୍ଟରେ ଏହି ମାମଲାର ଚୂଡାନ୍ତ ଶୁଣାଣି ହୋଇଥିଲା। ଅନୁଭବଙ୍କ ସହମତିକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ବର୍ଷାଙ୍କ ଟ୍ରାନ୍ସଫର ପିଟିଶନକୁ ଅନୁମତି ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅନୁଭବ ପଟିଆଲା ହାଉସ କୋର୍ଟରେ ଦାଖଲ କରିଥିବା ଆବେଦନ ଶୁଣାଣି ପାଇଁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ପରେ ୨୦୨୨ ଜାନୁୟାରୀ ୨୨ରେ ଉଭୟ ଅନୁଭବ ଓ ବର୍ଷା କଟକ ପରିବାର ଅଦାଲତରେ ହାଜର ହୋଇଥିଲେ। ଅଦାଲତରେ ମଧ୍ୟସ୍ଥତା ପ୍ରକ୍ରିୟାରୁ କୌଣସି ସୁଫଳ ମିଳିପାରି ନ ଥିଲା। ଏହାପରେ ମାମଲାରେ ସାକ୍ଷ୍ୟ ଗ୍ରହଣ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।


FORM NO. 13
**BEFORE THE DEBTS RECOVERY TRIBUNAL : CUTTACK : ODISHA**
C-71, SECTOR-7, CDA, CUTTACK, ODISHA
O.A. NO. 513 of 2019

AXIS BANK LIMITED ...APPLICANT
-Vrs-
M/s. Sagar Distributors & Another ...DEFENDANTS

To,
1. **M/s. Sagar Distributors, Mr. Gopal Kumar Panch,** At/P.O.: Gopinathpur, Near Atharanala, Dist.: Puri, Odisha-752002.
2. **Mr. Gopal Kumar Panch,** S/o- Kisanlal Panch, At: Hadagodia Sahi (Radha Gobinda Lane), Puri (M), Puri-752001, Odisha.

... DEFENDANTS

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an **O.A. No. 513/2019** in the Court of the Debts of Recovery Tribunal at Cuttack for recovery of **Rs.1,37,72,181.72 (Rupees One Crore Thirty Seven Lakh Seventy Two Thousand One Hundred Eighty One and Seventy Two Paisa)** together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **26.05.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **06th day of April, 2022**

Sd/- (M.K. Patnaik)
REGISTRAR
Date: 06.04.2022



FORM NO. 13
**BEFORE THE DEBTS RECOVERY TRIBUNAL : CUTTACK : ODISHA**
C-71, SECTOR-7, CDA, CUTTACK, ODISHA
O.A. NO. 324/2021

AXIS BANK LIMITED ...APPLICANT
-Vrs-
M/s. Om Sai Logistics & others ...DEFENDANTS

To,
1. **M/s. Om Sai Logistics,** represented by its **Proprietor Kishore Shah,** At: Ward No. 8, Main Road, At/PO: Khariar Road, Nuapada, Odisha-766104.
2. **Kishor Kumar Shah @ Kishor Shah,** S/o- Bhagaban Shah, At: Ward No. 11, Khariar Road N.A.C, PS: Jonk, Dist.: Nuapada-766104.
3. **Amit Kumar Shah,** S/o- Kishor Shah, At: Ward No. 8, Nandaram Nagar, Khariar Road, PS: Jonk, Dist.: Nuapada, Odisha-766104.
4. **Jayshree @ Jaishree Shah,** W/o- Kishor Shah, At: Nandaram Nagar, Khariar Road, B Parishad, PS: Jonk, Dist.: Nuapada, Odisha-766104.
5. **Sasmita Shah,** W/o- Amit Kumar Shah, At: Nandaram Nagar, Khariar Road, P.S.: Jonk, Dist.: Nuapada, Odisha-766104.
6. **Sunil Kumar Shah,** Ward No. 8, Main Road, At/PO: Khariar Road, Odisha-766104

...DEFENDANTS

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an **O.A. No. 324/2021** in the Court of the Debts of Recovery Tribunal at Cuttack for recovery of **Rs.89,68,558.82 (Rupees Eighty Nine Lakhs Sixty Eight Thousand Five Hundred Fifty Eight and Eighty Two Paisa Only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **20.05.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **31st day of March, 2022**.

Sd/- (M.K. Patnaik)
REGISTRAR
Date: 31.03.2022








ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୫୩୭୯୦୦

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତି ଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତି ଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **“ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି” ଭିତ୍ତିରେ ତା.୨୦.୦୫.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ତୁରଙ୍ଗ ଶାଖା, ମୋ: ୭୩୨୭୯୩୯୪୧୮/** ଋଣଗ୍ରହୀତାମାନେ: ୧) ଶ୍ରୀ ରମାକାନ୍ତ ଦାସ, ୨) ଶ୍ରୀ ଅମୂଲ୍ୟ ଦାସ, ପିତା: ୰ ତ୍ରିନାଥ ଦାସ, ସା: ଆମ୍ବମୁଣ୍ଡା ସାହି, ରନ୍ତଲେଇ, ପୋ: ରନ୍ତଲେଇ, ଥାନା/ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୩୨ / ଗ୍ୟାରେଣ୍ଟିଦାତା: ଜଗତ ଜ୍ୟୋତି ରଥ, ପିତା: ହୃଦାନନ୍ଦ ରଥ, ସା: ହୁଲୁରିସିଂହା, ଥାନା / ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨ / ବକେୟା ରାଶି: ତା ୩୧.୦୮.୨୦୨୧ ରିଖ ସୁଦ୍ଧା ଟ.୯,୧୬,୯୨୩/- + ତତ୍ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୯୧୨/୩୮୯୬, ଖାତା ନଂ.: ୫୦୫/୫୦୨, ମୌଜା: ରନ୍ତଲେଇ, ତହସିଲ/ଥାନା/ଜିଲ୍ଲା: ଅନୁଗୁଳ | ଟ.୧୮,୧୫,୦୦୦/- / ଟ.୧,୮୧,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 665101980050000 IFSC Code: UBIN0566519 |
| ୨. | **ତୁରଙ୍ଗ ଶାଖା, ମୋ: ୭୩୨୭୯୩୯୪୧୮/** ଋଣଗ୍ରହୀତା: ଶ୍ରୀ ଅମୂଲ୍ୟ ନାଏକ, ପିତା: ୰ ଚତୁର୍ଭୁଜ ନାଏକ, ସା: ରଙ୍କାସିଙ୍ଗା, ପୋ: କୁକୁଡାଙ୍ଗ, ଥାନା/ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ / ଗ୍ୟାରେଣ୍ଟିଦାତା: ଶ୍ରୀ ଅବିନାଶ ନାଏକ, ପିତା: ଅମୂଲ୍ୟ ନାଏକ, ସା: ରଙ୍କାସିଙ୍ଗା, ପୋ: କୁକୁଡାଙ୍ଗ, ଥାନା/ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ / ବକେୟା ରାଶି: ତା ୦୧.୦୯.୨୦୨୧ ରିଖ ସୁଦ୍ଧା ଟ.୧୦,୫୮,୫୬୫/- + ତତ୍ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୪, ୫୭୫ ଏବଂ ୫୭୮, ଖାତା ନଂ.: ୧୩୮/୧୦୮, ମୌଜା: ରଙ୍କାସିଙ୍ଗା, ତହସିଲ: ବଅଁରପାଳ, ଥାନା/ଜିଲ୍ଲା: ଅନୁଗୁଳ | ଟ.୮,୦୫,୦୦୦/- / ଟ.୮୦,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 665101980050000 IFSC Code: UBIN0566519 |
| ୩. | **ଅରିଲୋ ଶାଖା, ମୋ: ୬୩୦୩୮୦୭୩୪୫/** ୧) ଶ୍ରୀମତୀ ମିନତୀ ଷଡଙ୍ଗି, ସ୍ୱାମୀ: ଶ୍ରୀ ଶ୍ରୀକାନ୍ତ ଶତପଥୀ, ୨) ଶ୍ରୀ ଶ୍ରୀକାନ୍ତ ଶତପଥୀ, ଠିକଣା-ଗ୍ରାମ: ମାଧପୁର, ପୋ/ଜିଲ୍ଲା: ଜଗତ୍‌ସିଂହପୁର / ବକେୟା ରାଶି: ତା ୩୧.୦୩.୨୦୨୧ ରିଖ ସୁଦ୍ଧା ଟ.୧୪,୮୪,୨୦୪/- + ତତ୍ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀମତୀ ମିନତୀ ଷଡଙ୍ଗିଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୨୫୮/୬୦, ପ୍ଲଟ୍ ନଂ.: ୩୨୦/୧୦୧୬, ମୌଜା: ମାଧପୁର, ପୋ/ଥାନା/ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା | ଟ.୭୧,୯୦,୦୦୦/- / ଟ.୭,୧୯,୦୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 347221980050000 IFSC Code: UBIN0934721 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୧୯.୦୫.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୦.୦୫.୨୦୨୨ରିଖ, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଋଷିକାନ୍ତ ପ୍ରସାଦ, ମୋ.: ୯୭୬୯୯୮୭୨୦୮

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ (୬)/ରୁଲ୍ ୯(୧) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୬.୦୪.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୦୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବକ୍ସିବଜାର ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରଦୀପ ଚନ୍ଦ୍ର ମହାରଣା, ପିତା: ଶରତ ଚନ୍ଦ୍ର ମହାରଣା, ୨) ଶ୍ରୀମତୀ ଲକ୍ଷ୍ମୀ ପ୍ରିୟା ମହାରଣା, ଉଭୟଙ୍କ ଠିକଣା- ସା: ଶାନ୍ତି ବିହାର, କନିକା ରୋଡ୍, ତୁଳସୀପୁର, କଟକ, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୮ | ୨୯.୦୧.୨୦୨୧ ସୁଦ୍ଧା ଟ.୧୫,୦୪,୯୮୯.୧୫ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୦୪.୦୨.୨୦୨୨ / ୧୬.୦୪.୨୦୨୨ | ଲକ୍ଷ୍ମୀ ପ୍ରିୟା ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୂଆପଡା, ତହସିଲ: କଟକ, ତହସିଲ: ନଂ.: ୨୪୬, ଥାନା: କଟକ ସଦର, ଥାନା ନଂ.: ୯୯, ଜିଲ୍ଲା: କଟକ, ଆରଓଆର୍ ଖତିଆନ ନଂ.: ୬୧୪/୨୬୧୬, ପ୍ଲଟ୍ ନଂ.: ୨୫୩୨/୬୦୯୧, କ୍ଷେତ୍ର: ଏକର୦.୦୩୬ଡିସିମିଲି, ପ୍ଲଟ୍ ନଂ.: ୨୫୩୧/୬୦୯୨, କ୍ଷେତ୍ର: ଏକର୦.୦୫୬ଡିସିମିଲି, କିସମ: ଘରବାରୀ, **ସମୁଦାୟ ଦୁଇଟି ପ୍ଲଟ୍‌ର କ୍ଷେତ୍ର: ଏକର୦.୦୯୨ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ୧୦ ଏବଂ ୧୧, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ.: ୨୯, ପଶ୍ଚିମ: ରାସ୍ତା |
| **ବକ୍ରକବାଟି ରୋଡ୍ ଶାଖା /** ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) ମେସର୍ସ ଆୟୂଷୀ ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅନିଲ୍ କୁମାର ଦାସ, ପ୍ଲଟ୍ ନଂ.: ୧୦୮୦/୧୦୮୮, ପୋ.: ବକ୍ସିବଜାର, କଟକ, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୧, ୨) ଶ୍ରୀ ଅନିଲ୍ କୁମାର ଦାସ, ପିତା: ଗୌରାଙ୍ଗ ଚରଣ ଦାସ (ମେସର୍ସ ଆୟୂଷୀ ଫାର୍ମାସ୍ୟୁଟିକାଲ୍ସର ସ୍ୱତ୍ତ୍ୱାଧିକାରୀ), ସା: ତେରମାଣପୁର, ତାଳପଡା, ପୋ.: ରାହାମା, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୦, ୩) ଶ୍ରୀ ବଟକୃଷ୍ଣ ପ୍ରଧାନ, ପିତା: ୰ ଧୋବେଇ ପ୍ରଧାନ, ସା: ଚାନ୍ଦିନୀ ଚୌକ, ଜୁମା ମସ୍‌ଜିଦ୍ ଲେନ୍, ପୋ.: ଚାନ୍ଦିନୀ ଚୌକ, ଥାନା: ପୁରୀଘାଟ, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୧ | ୩୧.୧୦.୨୦୨୧ ସୁଦ୍ଧା ଟ.୧୨,୧୭,୧୪୫.୧୬ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୦୬.୧୧.୨୦୨୧ / ୧୬.୦୪.୨୦୨୨ | ଶ୍ରୀ ବଟକୃଷ୍ଣ ପ୍ରଧାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୧/୬୨୮, ପ୍ଲଟ୍ ନଂ.: ୧୦୬୧, ମୌଜା: କଟକ ଟାଉନ୍, ୟୁନିଟ୍ ନଂ.: ୧୪, ନୟାସଡକ, ଡିଏସ୍‌ଆରଓ: କଟକ, ଥାନା: ଲାଲବାଗ ନଂ.: ୪, ତହସିଲ: କଟକ ସଦର, ଜିଲ୍ଲା: କଟକ, ଓଡ଼ିଶା, କ୍ଷେତ୍ର: ଏକର୦.୦୨୨ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବଜରଙ୍ଗଲାଲ ଶର୍ମା, ଦକ୍ଷିଣ: ମନୋହରଲାଲ ଶର୍ମା, ପୂର୍ବ: ଶଙ୍କର ଭୂତ, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୬.୦୪.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଧରିତ୍ରୀ
DHARITRI
ରବିବାର, ୧୭ ଏପ୍ରିଲ, ୨୦୨୨



**ସଂକ୍ଷେପରେ**

## ୨ ବାଇକ ଧକ୍କା, ୩ ଗୁରୁତର

ପାପଡ଼ାହାଣ୍ଡି,୧୬।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ମହକୁମା କାଳୀସୁନ୍ଦରୀ ମନ୍ଦିର ନିକଟରେ ଶନିବାର ୨ ବାଇକ ଧକ୍କାହେବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗାଦବାକତରା ଗ୍ରାମର ଶିକ୍ଷକ ସୁକାନ୍ତ ଷଡ଼ଙ୍ଗୀ, ଈଶ୍ୱର ଭତ୍ରା ଏବଂ ବେତଝରଣ ଗ୍ରାମର ରଘୁନାଥ ନାୟକ। ସୂଚନାନୁଯାୟୀ, ସୁକାନ୍ତ ଓ ଈଶ୍ୱର ଏକ ବାଇକରେ ପାପଡ଼ାହାଣ୍ଡି ବିଇଓ ଅଫିସରେ କାମ ସାରି ଫେରୁଥିଲେ। ଏହି ସମୟରେ ବେତଝରଣ ଗ୍ରାମର ରଘୁନାଥଙ୍କ ବାଇକ ସହ ତାଙ୍କ ଗାଡ଼ି ଧକ୍କା ହୋଇଥିଲା। ଏଥିରେ ସମସ୍ତେ ଆହତ ହୋଇଥିଲେ। ପାପଡ଼ାହାଣ୍ଡି ପୋଲିସ ସେମାନଙ୍କୁ ଉଦ୍ଧାରକରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

## ଦାୟିତ୍ୱ ହସ୍ତାନ୍ତର କଲେ ପଦ୍ମପୁର ବିଡିଓ



ପଦ୍ମପୁର,୧୬।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ବିଡିଓ ଦୟାମୟ ପାଢ଼ୀଙ୍କୁ ଶନିବାର ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏହି ସମୟରେ ବ୍ଲକ ଓ ତହସିଲର ଅଧିକାରୀ ଓ କର୍ମଚାରୀ, ପଦ୍ମପୁର ଥାନା ଅଧିକାରୀ ସୁଶାନ୍ତ କୁମାର ତାଉଡ଼ିଆ ଉପସ୍ଥିତ ଥିଲେ। ପଦ୍ମପୁର ନୂତନ ବିଡିଓ ରୀନା ପ୍ରଧାନ କନ୍ଧମାଳରୁ ଆସି ବୁଧବାର ପଦ୍ମପୁରରେ ଯୋଗଦେବେ। ଏଥିପୂର୍ବରୁ ବିଦାୟୀ ବିଡିଓ ଦୟାମୟ ପାଢ଼ୀଙ୍କ ଠାରୁ ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ବିଦାୟୀ ବିଡିଓ ପଦ୍ମପୁର ତହସିଲ ଇନ୍‌ଚାର୍ଜ ଦାୟିତ୍ୱରେ ମଧ ଥିଲେ। ସେ ପଦ୍ମପୁର ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କୁ ଇନ୍‌ଚାର୍ଜ ଦାୟିତ୍ୱ ହସ୍ତାନ୍ତର କରି ବିଦାୟ ନେଇଛନ୍ତି। ସୂଚନାଯୋଗ୍ୟ, ବିଦାୟୀ ବିଡିଓଙ୍କୁ ଝାରସୁଗୁଡ଼ା ଉପ ଜିଲାପାଳ ରୂପେ ବଦଳି ହୋଇଛି।

## ବଜ୍ରପାତରେ ଗାଈ ଚରାଳି ମୃତ

ଡାବୁଗାଁ, ୧୬।୪ (ଡି.ଏନ୍.ଏ.)- ବଜ୍ରପାତରେ ଜଣେ ଗାଈ ଚରାଳିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦେନା ପଞ୍ଚାୟତ ସଦର ଗାଁର ବଳି ମାଝିଙ୍କ ପୁଅ ଶ୍ରୀକାନ୍ତ (୧୭)। ଶ୍ରୀକାନ୍ତ ମେଦେନା ଗ୍ରାମ ପାଖ ପଡିଆକୁ ଶନିବାର ଗାଈ ଚରାଇବାକୁ ଯାଇଥିଲେ। ଅପରାହ୍ନରେ ବର୍ଷାସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ଶ୍ରୀକାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଶ୍ରୀକାନ୍ତଙ୍କ ବଡ଼ବାପା ହିରନ୍ୟ ମାଝୀ ଏ ନେଇ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ଅଭିମନ୍ୟୁ ଦୁର୍ଗାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଏନ୍. ବିଜୟ କୁମାର ସାହୁ ଘଟଣାସ୍ଥଳକୁ ଯାଇଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ। ଏନେଇ ଥାନାରେ ୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟର ଅନୁଧ୍ୟାନ କଲେ ଜିଲାପାଳ

- ଗୁଡ଼ାରୀ ବ୍ଲକ ଗସ୍ତ
- ମୋ ପୋଖରୀ, ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟର ସମୀକ୍ଷା

ରାୟଗଡ଼ା ଅଫିସ/ଗୁଡାରି (ଡି.ଏନ୍.ଏ.)୧୬।୪

ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଶନିବାର ଗୁଡାରି ବ୍ଲକ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ସେହିପରି ୫-ଟି ଅଧୀନରେ ଚାଲିଥିବା ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି।

ଗୁଡ଼ାରି ବ୍ଲକ ମଧୁବନ ପଞ୍ଚାୟତର ବଲିଗୁଡ଼ା ଗ୍ରାମକୁ ଯାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା ପୋଖରୀ କାମ ଓ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରି ବିଭିନ୍ନ ଅଭିଯୋଗ ଶୁଣିଥିଲେ। ମଧୁବନ ପଞ୍ଚାୟତର



ଜିଲାପାଳ ମୋ ପୋଖରୀ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

ସରପଞ୍ଚଙ୍କ ସହ ପାନୀୟ ଜଳ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହାପରେ ଜିଲାପାଳ ବ୍ଲକର ୬ ସ୍କୁଲ ଯଥା ଅଶଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟ, ସିରିଗୁଡ଼ି ପଞ୍ଚାୟତର ପାଞ୍ଚାୟତର ଭୁରୁକୁଡ଼ି ଏନ୍‌ଏସ୍‌ବି ହାଇସ୍କୁଲ, କଦମା ହାଇସ୍କୁଲ, ଏମ୍.କେ. ରାୟ ପାଞ୍ଚାୟତର ଗିରିଧାରି ହାଇସ୍କୁଲ, ଗୁଡ଼ାରୀ ସରକାରୀ ହାଇସ୍କୁଲ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ରୂପାନ୍ତରୀକରଣ କାର୍ଯ୍ୟର ତଦାରଖ କରିଥିଲେ। ସ୍କୁଲର ଭିତ୍ତିଭୂମି ଉନ୍ନତମାନର କରିବା ନିମନ୍ତେ ବିଶେଷକରି ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନଗାର, ପାଠାଗାର, ଖେଳପଡ଼ିଆ ଆଦି ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତବେଳେ ଗୁଡ଼ାରୀ ବିଡିଓ ନୃସିଂହ ଚରଣ ସେଠୀ, ଡିଇଓ ପୂର୍ଣ୍ଣଚନ୍ଦ୍ର ବାରିହା, ଗୁଡ଼ାରୀ ତହସିଲଦାର, ଏନ୍‌ଏସି ନିର୍ବାହୀ ଅଧିକାରୀ, ଏଇଇ, ସମ୍ପୃକ୍ତ ପଞ୍ଚାୟତଗୁଡ଼ିକର ପିଇଓ, ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜଙ୍ଗଲ ସୁରକ୍ଷା ପାଇଁ ଖୋଳାଗଲା ଟ୍ରେଞ୍ଚ



ଶ୍ରମିକମାନେ କାମ କରୁଛନ୍ତି।

ନବରଙ୍ଗପୁର,୧୬।୪(ବି.ପ୍ର.)

ନବରଙ୍ଗପୁର ବ୍ଲକ ବଡ଼ମସିଗାଁ ପଞ୍ଚାୟତ ଅଧୀନ ଭାଟିଗାଁ ଗ୍ରାମ୍ୟ ଜଙ୍ଗଲ ଓ କାଜୁ ବଗିଚାର ସୁରକ୍ଷା ଦୃଷ୍ଟିକୁ ନେଇ ଟ୍ରେଞ୍ଚ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଏବେ କାଜୁ ଅମଳ ସମୟ। ଦୁର୍ବୃତ୍ତମାନେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଅନ୍ୟପକ୍ଷେ ଅବାଧରେ ଗୋରୁ ପ୍ରବେଶ ସହ କାଠମାଫିଆଙ୍କ ଲାଲୁପଦୃଷ୍ଟି ମଧ ଜଙ୍ଗଲ ଉପରେ ପଡ଼ିଥାଏ। ଏସବୁରୁ ଜଙ୍ଗଲକୁ ସୁରକ୍ଷା ଦେବାକୁ ୫ ଫୁଟ ଓସାରର ଜଙ୍ଗଲର ଚାରିପାଖ ଟ୍ରେଞ୍ଚ ଖୋଳାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟ୍ରେଞ୍ଚ ଖନନ କାର୍ଯ୍ୟ ଚାଲିଛି। ଜିଆର୍‌ଏସ୍, ବିଡିଓ ସୁକାନ୍ତ ପଟ୍ଟନାୟକ ଏହି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ସୂଚନାନୁଯାୟୀ, ଟ୍ରେଞ୍ଚ ଖନନ ପାଇଁ ପୂର୍ବରୁ ଦାବି ହୋଇ ଆସୁଥିଲା।

## ମାଣ୍ଡିଆ ଚାଷ ପରିଦର୍ଶନ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

କୁନ୍ଦୁରା,୧୬।୪ (ଡି.ଏନ. ଏ.)

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି.ଭି. ବେଣୁ ଗୋପାଳ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଶନିବାର ଗସ୍ତ କରିଛନ୍ତି। ଏହିଅବସରରେ ସେ ମସିଗାଁ ପଞ୍ଚାୟତ ଅନ୍ତର୍ଗତ ବରଗୁଫୁଟ ଏବଂ ବାଣୁଆଗୁଡା ପଞ୍ଚାୟତର ବାଗିଆଗୁଡାଠାରେ ମିଲେଟ ମିଶନରେ ରବି ଋତୁରେ ହୋଇଥିବା ମାଣ୍ଡିଆ ଚାଷ ବୁଲି ଦେଖିଥିଲେ। ତାଙ୍କ ସହ କୋରାପୁଟ ଉପଜିଲାପାଳ, ଜୟପୁର ଉପଜିଲାପାଳ, ଜିଲା କୃଷି ଅଧିକାରୀ, ଅତିରିକ୍ତ କୃଷି ଅଧିକାରୀ,କୁନ୍ଦୁରା ଅତିରିକ୍ତ



ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

କୃଷି ଅଧିକାରୀ, ତହସିଲଦାର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଚାଷୀଙ୍କ ସହ ମାଣ୍ଡିଆ ଚାଷ ସମ୍ପର୍କରେ ବେଣୁ ଗୋପାଳ ଆଲୋଚନା କରିଥିଲେ। ଜୈବିକ ପଦ୍ଧତିରେ ଏହି ଚାଷ କରିବାକୁ ସେ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଜମିରେ ଜୈବିକ ପଦ୍ଧତିରେ ମାଣ୍ଡିଆ ଚାଷ କରିବାକୁ ପ୍ରୋତ୍ସାହନ ଦେବାକୁ ସେ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସ୍ୱାମୀ ନାଥନ ରିସର୍ଚ୍ଚ ଫାଉଣ୍ଡେଶନ ଏବଂ ୱାସନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପୋଡ଼ିହୋଇ ମହିଳା ମୃତ, କାରଣ ଅସ୍ପଷ୍ଟ

ଗୁଣପୁର,୧୬।୪(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ସହର ବାୟାଗୁଡ଼ା ଶିରିଡ଼ି ସାଇ ମନ୍ଦିର ନିକଟ କ୍ରିଷ୍ଟାନଗର ୫ମ ଲାଇନରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଶାଢ଼ିରେ ନିଆଁଲାଗି ଏସ୍. ପ୍ରିୟଙ୍କା(୩୧)ଙ୍କ ମୃତ୍ୟୁ ଘଟିଛି। ପ୍ରିୟଙ୍କା ମଧ୍ୟାହ୍ନରେ ରୋଷଇ କରୁଥିବାବେଳେ ହଠାତ ତାଙ୍କର ଶାଢ଼ିରେ ନିଆଁ ଲାଗିଯାଇଥିଲା। ଗୁଣପୁର ଅଗ୍ନିଶମ ବାହିନି ପହଞ୍ଚି ପ୍ରିୟଙ୍କାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଉଥିଲା। ତେବେ ରାସ୍ତାରେ ଅବସ୍ଥା ବିଗିଡ଼ିବାରୁ ଗଜପତି ଜିଲା କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଗୁଣପୁର ଥାନାର ଦ୍ୱିତୀୟ ଆଇଆଇସି ଆଶ୍ରିତା ଖୋଲକା ସୂଚନା ପ୍ରଦାନ କରିଛନ୍ତି। ତେବେ ଶାଢ଼ିରେ କିପରି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ମୃତ ପ୍ରିୟଙ୍କାଙ୍କ ଦୁଇଟି ଝିଅ ଥିବାବେଳେ ସ୍ୱାମୀ କେ.ରବି ବ୍ୟବସାୟ କରୁଛନ୍ତି।

## ଗୁଣପୁର କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଚାମ୍ପିୟନମାନଙ୍କ ସହ ମୁଖ୍ୟ ଅତିଥି।

ଗୁଣପୁର,୧୬।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କଲେଜର ୩୪ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବାମଦେବ ମିଶ୍ର ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ଯୋଗଦେଇ ପାଠ ସହ କ୍ରୀଡ଼ାର ଆବଶ୍ୟକତା ବିଷୟରେ କହିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ସଂସଦର ଉପସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ପଣ୍ଡା, ଉପଦେଷ୍ଟା ଅଧ୍ୟାପକ ଦୋଳମଣି କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଜଗନ୍ନାଥ ଦୀପ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଦେବ ପ୍ରସାଦ ପାଢ଼ୀଙ୍କ ସମେତ ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯୁକ୍ତଦୁଇ ଏବଂ ଯୁକ୍ତତିନି କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ସିଲ୍‌ଡ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଯୁକ୍ତ ତିନି ବାଳିକା ବର୍ଗରେ ତପସ୍ୱିନୀ ଶବର, ବାଳକ ବର୍ଗରେ ଏ. ନବୀନ ଏବଂ ଯୁକ୍ତ ଦୁଇ ବାଳିକା ବର୍ଗରେ ରାଣୀ ଶବର ଓ ଛାତ୍ର ବର୍ଗରେ କପିଳ ଶବର ଚାମ୍ପିୟନ ହୋଇଥିଲେ। ମୁଖ୍ୟ ଅତିଥି ଶରତ ଚନ୍ଦ୍ର ନାୟକ କ୍ରୀଡ଼ା ପତାକା ଅବତରଣ କରିବା ସହ ମଶାଲ ଶିଖାକୁ କ୍ଷୀର ଢାଳି ନିର୍ବାପିତ କରିଥିଲେ।

## ସରିଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା

ନବରଙ୍ଗପୁର,୧୬।୪ (ବି.ପ୍ର.)

ନବରଙ୍ଗପୁର ଜିଲାରେ ଚାଲିଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଶନିବାର ଶେଷ ହୋଇଛି। ରାଜ୍ୟର ବଛା ବଛା ବିଶେଷଜ୍ଞ ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୩୭ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନବରଙ୍ଗପୁର ସହରାଞ୍ଚଳ ଓ ବ୍ଲକରୁ ୧୭୪, ନନ୍ଦାହାଣ୍ଡି ବ୍ଲକ ୧୫, ତେନ୍ତୁଲିଖୁଣ୍ଟି ୪୦, କୋଷାଗୁମୁଡ଼ା ୨୧, ପାପଡ଼ାହାଣ୍ଡି ୩୫, ଡାବୁଗାଁ ୨୦, ଉମରକୋଟ ୧୫ , ରାଇଘର ୯, ଝରିଗାଁ ୫ ଏବଂ ଚାନ୍ଦାହାଣ୍ଡି ବ୍ଲକରୁ ୩ ଜଣ ରୋଗୀ ଏହି ଯୋଜନାରେ ସ୍ୱାସ୍ଥ୍ୟସେବା ପାଇଛନ୍ତି। ୨ ଦିନରେ ୭ଜଣଙ୍କ ଅସ୍ତ୍ରୋପଚାର କରାଯାଇଛି। ଏହି ଚିକିତ୍ସା ଓ ଅସ୍ତ୍ରୋପଚାରରେ ୟୁରୋଲୋଜି ବିଭାଗ ପ୍ରଫେସର ଡା.ଦଣ୍ଡେଶ୍ୱର ହୋତା, ଗ୍ୟାଷ୍ଟ୍ରୋଲୋଜି ପ୍ରଫେସର ଡା. ଚିତ୍ତରଞ୍ଜନ ପଣ୍ଡା, କାର୍ଡିଓଲୋଜି ପ୍ରଫେସର ଡା.ବିଶ୍ୱଜିତ ଦାସ, ପ୍ରଫେସର ଡା.ବନବିହାରୀ ମିଶ୍ର ଓ ଡା.ଖଗେଶ୍ୱର ରାଉତ ପ୍ରମୁଖ ରହିଥିଲେ। ସେହିଭଳି ସହଯୋଗୀ ଭାବେ ହୃଦ୍‌ରୋଗ ବିଶେଷଜ୍ଞ ଅଭିକ ହାଲ୍‌ଦର , ଆନାସ୍ଥେସିଓଲୋଜି ବିଶ୍ୱରଞ୍ଜନ ପଟ୍ଟନାୟକ, ୟୁରୋଲୋଜିଷ୍ଟ କିଶୋର ତୋଙ୍ଗେ, ଗ୍ୟାଷ୍ଟ୍ରୋଲୋଜିଷ୍ଟ ସମ୍ବିତ କୁମାର ବେହେରା, ରେଡିଓଲୋଜିଷ୍ଟ ପ୍ରିୟବ୍ରତ ପ୍ରଧାନ ଓ ସର୍ଜରି ବିଶେଷଜ୍ଞ ଡାକ୍ତର ବିଦ୍ୟାପତି ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଶିବିରକୁ ସିଡିଏମ୍‌ଓ କାଳୀ ପ୍ରସାଦ ବେହେରା, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ, ଫାର୍ମାସିଷ୍ଟ, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଡାକ୍ତରଖାନାର ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବା ବିରୋଧରେ କଂଗ୍ରେସର ଧାରଣା

ପାପଡ଼ାହାଣ୍ଡି,୧୬।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବାକୁ ନେଇ ଶନିବାର ବ୍ଲକ କଂଗ୍ରେସର ଏକ ପ୍ରତିନିଧି ଦଳ ଡାକ୍ତରଖାନା ପରିସରରେ ଧାରଣା ଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଜିଲା ପରିଷଦ ଜୋନ୍ ୨ ସଭ୍ୟା ଲିପିକା ମାଝି, ସିଣ୍ଟୁ ଶର୍ମା, ରାଜକିଶୋର ରାଓ, ଶେଖ୍ ଆକବର ହୁସେନ ପ୍ରମୁଖ ଏହି ଧାରଣାରେ ସାମିଲ ଥିଲେ।

ଗତ ୩୦ ତାରିଖରେ କଂଗ୍ରେସର ଏକ ଟିମ୍ ଡାକ୍ତରଖାନା ପରିଦର୍ଶନ କରିଥିଲା। ସେହି ସମୟରେ ଡାକ୍ତରଖାନା ପରିସରରେ ବିଦ୍ୟୁତ୍ ସମସ୍ୟା ଥିଲା। ଏହାର ଶୀଘ୍ର ସମାଧାନ କରିବାକୁ କଂଗ୍ରେସ ଟିମ୍ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କହିଥିଲା। ଶନିବାର ଉକ୍ତ ପ୍ରତିନିଧି ଦଳ ଡାକ୍ତରଖାନାରେ ପହଞ୍ଚିବାବେଳକୁ ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇ ନ ଥିଲା। ଡାକ୍ତର ଓ ଷ୍ଟାଫ୍ ରୁମ୍ ବ୍ୟତୀତ ଅନ୍ୟ କୌଣସି ୱାର୍ଡରେ ଫ୍ୟାନ୍ ଚାଲୁ ନ ଥିଲା କିମ୍ବା ଲାଇଟ ଜଳୁ ନ ଥିଲା। ପ୍ରସୂତି ବିଭାଗରେ ନବଜାତକମାନେ ଗରମରେ ଛଟପଟ ହେଉଥିଲେ। ମେଡିକାଲ କର୍ମଚାରୀ କିନ୍ତୁ ଡିଜି ଲଗାଇ ବସିଥିଲେ ବୋଲି ଧାରଣା ଦେଇଥିବା କଂଗ୍ରେସ କର୍ମୀମାନେ କହିଛନ୍ତି। ଡାକ୍ତରଖାନା ଇନ୍‌ଚାର୍ଜ ପ୍ରିୟରଞ୍ଜନ ବାହାଲି ଘଟଣା ସମ୍ପର୍କରେ ବିଡିଓ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏଥିସହ ଦୁଇଟି ନୂତନ ବ୍ୟାଟେରି ଓ ଇନ୍‌ଭର୍ଟରେ ସଂଯୋଗ କରାଯାଇ ଅପରାହ୍ନ ୩.୧୫ ସୁଦ୍ଧା ଡାକ୍ତରଖାନାର ସମସ୍ତ ୱାର୍ଡକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି।



ଧାରଣାରେ ବସିଥିବା କଂଗ୍ରେସ ପ୍ରତିନିଧି ଦଳ।

## ରଞ୍ଜିତ ବାର୍ ଆସୋସିଏଶନ ଉପସଭାପତି

ମାଲକାନଗିରି,୧୬।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ବାର୍ ଆସୋସିଏଶନର ଉପସଭାପତି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶନିବାର ବାର୍ ଆସୋସିଏଶନ ସଭାଗୃହରେ ଅନୁଷ୍ଠିତ ନିର୍ବାଚନରେ ରଞ୍ଜିତ ସାନା ଉପସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ସାମଲ ବାଛାଡ୍ ଓ ରଞ୍ଜିତ ସାନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବାଛାଡ୍ ୨୭ଟି ଭୋଟ ପାଇଥିବା ବେଳେ ରଞ୍ଜିତ ୬୧ ଭୋଟ ପାଇଥିଲେ। ନିର୍ବାଚନ ଲାଗି ମତଦାନ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ବାର୍ ଆସୋସିଏଶନର ସମସ୍ତ ସଦସ୍ୟ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ମତଦାନ ପରେ ୪ଟାରୁ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯାଇଥିଲା।

## ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା



ବୈଠକରେ ଉପସ୍ଥିତ ବ୍ଲକ ଅଧ୍ୟକ୍ଷ, ବୁଡିବାଲି ସରପଞ୍ଚ ଓ ଅନ୍ୟମାନେ ।

**ପଞ୍ଚାୟତ ସମିତି ବୈଠକ**

ଚନ୍ଦ୍ରପୁର,୧୬।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ପ୍ରଥମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସଭାଗୃହରେ ହୋଇଥିବା ବୈଠକରେ ପିଇଓ ଭିକାରୀ ଚରଣ ମିଶ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିସହ ବ୍ଲକରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା।

ମୁଖ୍ୟ ଅତିଥିଭାବେ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷ କଇନ କିମ୍ବାକା ଏବଂ ସମ୍ମାନିତ ଅତିଥି ରୂପେ ମାଳତି ମାଳବିଶୋଇ, ବୁଡ଼ିବାଲି ସରପଞ୍ଚ ତଥା କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ଭୀମ ଗଗେରଙ୍ଗା, ଜିଲା ପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡେକା, ଯୋଗାଣ ନିରୀକ୍ଷକ ମାନସ କୁମାର ଜେନା, ସିଡିପିଓ ଲଳିତା ପୁଜାରୀ, ଝିରିଗୁଡ଼ା ସରପଞ୍ଚ ସୁନିତା ମୁଣ୍ଡିକା, ଜୀବିକା ମିଶନର ବିପିଏମ୍ ଶ୍ରବଣ କୁମାର ସିଂ, ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କ ସମେତ ୮ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷାଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ବଣ୍ଟନ, ଶିଶୁ ବିକାଶ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପରିଚାଳନା କରିଥିଲେ।

# ଉଡ଼ିଗଲା ଛପର, ଛିଣ୍ଡିଗଲା ବିଦ୍ୟୁତ୍ ତାର

**ତାଣ୍ଡବ ରଚିଲା କାଳବୈଶାଖୀ**

ପାପଡ଼ାହାଣ୍ଡି,୧୬।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ଚାନ୍ଦିଲି ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୨୫ରୁ ଊର୍ଦ୍ଧ୍ୱ ଘରର ଚାଳଛପର ଉଡିଯାଇଛି। ଇଲେକ୍ଟ୍ରିକ ତାର ଛିଣ୍ଡିଯିବା ଯୋଗୁ ଗ୍ରାମରେ ବିଦ୍ୟୁତ୍ ସେବା ବନ୍ଦ ହୋଇଯାଇଛି।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଗ୍ରାମରେ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ହୋଇଥିଲା। ଜାନିସାହି ଓ ଗରଡ଼ା ସାହିରେ ପବନ ଯୋଗୁ ଅନେକ ଘରର ଚାଳଛପର ଉଡ଼ିଯାଇଥିଲା। ପବନରେ ଦୁର୍ଯ୍ୟୋଧନ ଜାନି, ବୈଦ୍ୟନାଥ ଜାନି, ଲେବ ଜାନି, ଲାଲା ଜାନି, ପୀତବାସ ଜାନି, ସନସାଇ ଜାନି, ଗୁରୁବନ୍ଧୁ ଜାନି, ଅର୍ଜୁନ ଜାନି, ତାରାବତୀ ଜାନି, ଲାଇବାନ ଜାନି, ନୀଳ ଜାନି, ବଳି ଜାନି, ଚନ୍ଦ୍ରା ହରିଜନ, ଉଜ୍ଜ୍ୱଳବତି ହରିଜନ, ବେଞ୍ଜାମିନ୍ ପାଣି, ଗୋବିନ୍ଦ ନାଗ, ବଳରାମ ନାୟକ, ଜୟମଲ ହରିଜନ, ଶୂନଧର ହରିଜନ, ସୁନ୍ଦର ହରିଜନ, ସମାରୁ ହରିଜନ, ଶାନ୍ତି ଗରଡାଙ୍କ ଘର ନଷ୍ଟ ହୋଇଯାଇଛି। ଆଜବେଷ୍ଟସ ଭଙ୍ଗା ଖଣ୍ଡ ବାଜି ଗୋଟିଏ ପରିବାରର ୪ଜଣ ଆହତ ହୋଇଛନ୍ତି। ଶ୍ରୀନୁ ଜାନିଙ୍କ ମୁଣ୍ଡ ଫାଟିଛି। ନାରାୟଣ ଜାନି, ସୁରେନ୍ଦ୍ର ଜାନି ଓ ସୁଶାନ୍ତ ଜାନି ଆହତ ହୋଇଛନ୍ତି। ଖବରପାଇ ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ତୁରନ୍ତ ତଦନ୍ତ କରି ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ତୁମ୍ବର୍ଲା ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବ୍ଲକ ଉପାଧ୍ୟକ୍ଷ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## କାଳ ବୈଶାଖୀରେ ଭାଙ୍ଗିଲା ଗଛ

ପୋଲସରା,୧୬।୪(ଡି.ଏନ.ଏ.)

ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଶନିବାର ଅପରାହ୍ନରେ ହଠାତ କାଳ ବୈଶାଖୀ ବର୍ଷା ପବନ ସାଙ୍ଗକୁ ବିଜୁଳି ଘଡ଼ଘଡି ଶବ୍ଦରେ ସବୁକିଛି ଅନ୍ଧକାର ହୋଇଥିଲା। ଯିବା ଆସିବା କରୁଥିବା ପଥଚାରୀ ଓ ସ୍ଥାନୀୟ ଲୋକମାନେ ଅଦିନିଆ ବର୍ଷା ଝଡ଼ରେ ରାସ୍ତାରେ ଅଟକି ରହିଲେ। ପ୍ରବଳ ବର୍ଷା ପବନ ଯୋଗୁ ପୋଲସରା ଉଭୟ ପାର୍ଶ୍ୱରେ ଥିବା ଦୋକାନ ଗୃହ ଗୁଡ଼ିକର ଟିଣ ଚାଦର ଓ ତମ୍ବୁ ଉଡିବାରେ ଲାଗିଲା। ମୁଖ୍ୟ ସଡ଼କର ଡିଭାଇଡ଼ର ମଝିରେ ଥିବା ବହୁ ମୂଲ୍ୟବାନ ଗଛ ଗୁଡ଼ିକ କାଳ ବୈଶାଖୀର ପବନ ମାଡ଼ରେ ତଳେ ପଡିଯାଇଥିଲା। ଫଳରେ କିଛି ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିଲା।

# ଜଙ୍ଗଲ କଟାକୁ ନେଇ ଗାଁ ବିବାଦ

କୋଡ଼ିଙ୍ଗା,୧୬।୪(ଡି.ଏନ୍.ଏ.)

ଜଙ୍ଗଲ କଟାକୁ ନେଇ ଘନେଇଛି ବିବାଦ। ଗାଁରେ ମୁହାଁମୁହିଁ ହେଉଛନ୍ତି ୨ ଗୋଷ୍ଠୀ। ଜଙ୍ଗଲ କଟାକୁ ନେଇ ଫରେଷ୍ଟରଙ୍କଠାରୁ ଆରମ୍ଭ କରି ବନ ବିଭାଗ ରେଞ୍ଜର, କୋଡିଙ୍ଗା ତହସିଲଦାରଙ୍କ ନିକଟରେ ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ଶୂନ। ଏଭଳି ଅଭିଯୋଗ କରିଛନ୍ତି ନବରଙ୍ଗପୁର ଜିଲା କୋଡିଙ୍ଗା ବନାଞ୍ଚଳ କୋଷାଗୁମୁଡା ସେକ୍ସନ କୋକଡି ସେମଳା ପଞ୍ଚାୟତର ପୂଜାରୀଗୁଡ଼ା ଗ୍ରାମବାସୀ।

ପୂଜାରୀଗୁଡା ଗ୍ରାମରେ ଦୀର୍ଘଦିନ ଧରି ୫ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲକୁ ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ରକ୍ଷଣାବେକ୍ଷଣ କରୁଥିଲେ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗ୍ରାମବାସୀ ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ଗ୍ରାମର କେତେଜଣ ବ୍ୟକ୍ତି କାହାରିକୁ କିଛି ନ ଜଣାଇ ଜଙ୍ଗଲ କାଟି ପଦା କରୁଥିଲେ। ଏ ନେଇ ଜଙ୍ଗଲ ରକ୍ଷଣାବେକ୍ଷଣ କରୁଥିବା ଗୋଷ୍ଠୀ ଜାଣିବାକୁ ପାଇ ପ୍ରଥମେ କୋଷାଗୁମୁଡା ଫରେଷ୍ଟରଙ୍କୁ ଜଣାଇଥିଲେ। ଏହାପରେ ଗ୍ରାମବାସୀ କୋଡିଙ୍ଗା ବନ ବିଭାଗ ରେଞ୍ଜର ଓ କୋଡିଙ୍ଗା ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ ମଧ କରିଥିଲେ। ଅଭିଯୋଗ ସତ୍ତ୍ୱେ ବନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଗ୍ରାମର ରାଜମନ ଦୁରୁଆ, ମୀନ ଜାନି, ମନଧର ଦୁରୁଆ, ଡମ୍ବୁ ଦୁରୁଆ, ଫୁଲସିଂ ଦୁରୁଆ, ତୁଳାରାମ ମୁଦୁଲି, ଫଗୁନୁ ଦୁରୁଆ, ଡୁମର ଜାନି, ଜଗବନ୍ଧୁ ଭତରା, ଗଙ୍ଗା ଜାନି, ବନମାଳୀ ଭତରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ କୋଡିଙ୍ଗା ବନ ବିଭାଗ ରେଞ୍ଜର ଆଶିଷ କୁମାର କହଁରଙ୍କୁ ଯୋଗାଯୋଗ କରିବାର, ଜାଳେଣି ପାଇଁ କେତେଜଣ ଜଙ୍ଗଲରୁ ବେଆଇନ ଭାବେ ଗଛ କାଟିଥିଲେ। ବିଭାଗ ପକ୍ଷରୁ ଉକ୍ତ ଗଛକୁ ଜବତ କରାଯାଇଛି। ୨ ଗୋଷ୍ଠୀ ମଧ୍ୟରେ ସମାଧାନ ହେଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଜଙ୍ଗଲରେ କଟାଯାଇଥିବା ଗଛ ।

**ପାଣି ସମସ୍ୟା ସମାଧାନ ଦାବି**

ଜୟପୁର,(ନି.ପ୍ର.)-ଜୟପୁର ବ୍ଲକ ଉମୁରି ପଞ୍ଚାୟତ ଏଫ୍‌ସିଆଇ କଲୋନି ବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କଲୋନିର ପାଣି ସମସ୍ୟା ସମାଧାନ ନେଇ ସେମାନେ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଦାବିପତ୍ର ଦେଇଛନ୍ତି। କଲୋନିବାସୀ ଅଭିଯୋଗ କରିଛନ୍ତି, ଗତ ୨ ବର୍ଷ ହେବ ସେମାନେ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି। ପଞ୍ଚାୟତ ପକ୍ଷରୁ ୪ଟି ନଳକୂପ ଖୋଳାଯାଇଥିଲେ ମଧ୍ୟ ସେଥିରୁ ପାଣି ବାହାରୁନାହିଁ। ନଳକୂପଗୁଡ଼ିକ ରିଜେକ୍ଟ ହୋଇଥିବା ଘୋଷଣା ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଉମୁରି ସରପଞ୍ଚ ସବିତା ନାୟକ, କେଶବ ହରିଜନ, ଲଳିତ ନାୟକ, କୁନା ନାୟକ ଦାବି କରିଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ଜଣେ ଗିରଫ

ଜୟପୁର,୧୬।୪(ନି.ପ୍ର.)-ଜଣେ ବ୍ୟକ୍ତି ଦେଶୀମଦ ଚାଲାଣ କରୁଥିବା ବେଳେ ଅବକାରୀ କର୍ମଚାରୀ ଚଢ଼ାଉ କରି ତାଙ୍କୁ ଧରିଛନ୍ତି। ସଦର ଥାନା ଅନ୍ତର୍ଗତ ଡିମଲା ଗ୍ରାମର ଅଭି ହରିଜନ ଏକ ବାଇକରେ ମଦ ଧରି ଆସୁଥିବା ବେଳେ କର୍ମଚାରୀମାନେ ଖ୍ରୀଷ୍ଟିଆନପେଟାଠାରେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ୨୦ ଲିଟର ଦେଶୀମଦ ଓ ବାଇକ ଜବତ ହୋଇଛି। ଅନ୍ୟପକ୍ଷରେ ଅଭିଙ୍କୁ ଗିରଫ ପରେ ତାଙ୍କ ଚିକିତ୍ସା କରାଯାଇଥିଲା। ସେ ଅସୁସ୍ଥ ଥିବାରୁ ୪୧ ସିଆର୍‌ପିସିରେ ତାଙ୍କୁ ଛଡ଼ାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ଅଗ୍ରସେନ ସମିତି ପକ୍ଷରୁ ଶୋଭାଯାତ୍ରା



ଜୟପୁର,୧୬।୪(ନି.ପ୍ର.)-ଅଗ୍ରସେନ ସମିତି ଜୟପୁର ତରଫରୁ ଶନିବାର ଏକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ବିରାଟ ରଥରେ ହନୁମାନଙ୍କ ଫଟୋ ରଖି ଶୋଭାଯାତ୍ରା ରଜାନହର ଛକରୁ ବାହାରି ମୁଖ୍ୟ ଟ୍ରାଫିକ ଛକ, ଲେବର ଅଫିସ ଦେଇ ଶେଷରେ ଅଗ୍ରସେନ ଭବନଠାରେ ପହଞ୍ଚିଥିଲା। ସେଠାରେ ହନୁମାନ ଚାଳିଶପାଠ କରାଯାଇଥିଲା।

### ପାଣ୍ଟିକା-ଏନ୍ଏଡି ରାସ୍ତା ଶୋଚନୀୟ



ସୁନାବେଡ଼ା,୧୬।୪(ସ୍ୱ. ପ୍ର.)-ନସାଧାରଣଙ୍କ ଗମନାଗମନର ସୁବିଧା ଲାଗି ରାଜ୍ୟ ସରକାର ପକ୍କା ରାସ୍ତା ନିର୍ମାଣ କରି ଏ ବାବଦରେ ବହୁ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ରାସ୍ତା ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳାରୁ ଅନେକ ସ୍ଥାନରେ ଅଳ୍ପଦିନରେ ନିର୍ମିତ ରାସ୍ତା ଖରାପ ହୋଇପଡୁଛି। ଏପରି ଦେଖିବାକୁ ମିଳିଛି ପାଣ୍ଟିକା-ଏନ୍ଏଡି ରାସ୍ତା କ୍ଷେତ୍ରରେ। ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ପଣ୍ଟିକା ନିକଟ ଚିକାପାର ଗ୍ରାମଠାରୁ ୨ କି.ମି.ରୁ ଉର୍ଦ୍ଧ୍ୱ ରାସ୍ତା ଏନ୍ଏଡିକୁ ସଂଯୋଗ ହୋଇଛି। ଏହି ରାସ୍ତାରେ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି ପ୍ରମୁଖ ଅନୁଷ୍ଠାନ ରହିଛି। ରାସ୍ତା ଖରାପ ହେତୁ ଯାତାୟାତରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣାମାନ ଘଟିବାର ନଜିର ମଧ୍ୟ ରହିଛି। ଜିଲା ଏବଂ ସ୍ଥାନୀୟ ପ୍ରଶାସନ ତୁରନ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

### ଦାମନଯୋଡ଼ିରେ ସରଯୁ ପୁଷ୍କରିଣୀ ଲୋକାର୍ପିତ

ଦାମନଯୋଡ଼ି,୧୬।୪(ଡି.ଏନ୍.ଏ.)-ନାଲ୍‌କୋ ଟାଉନଶିପ ହନୁମାନ ବାଟିକାରେ ମହାବିଷୁବ ସଂକ୍ରାନ୍ତି ଅବସରରେ ଚାଲିଥିବା ଶ୍ରୀହନୁମାନ ଜୟନ୍ତୀ ଉତ୍ସବର ଚତୁର୍ଥ ତଥା ଅନ୍ତିମ ଦିବସରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇ ସରଯୁ ପୁଷ୍କରିଣୀ ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ ସପତ୍ନିକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ, ଅରୁଣ ଦାସ, ପ୍ରମୋଦ ପାତ୍ର, ବିକାଶ ପଣ୍ଡା, ନେତ୍ରାନନ୍ଦ ମହାରଣା, ବ୍ରଜକିଶୋର ଦାଶ, ପ୍ରମୋଦ ବେହେରା, ସରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଶ୍ରୀ ଅଭୟ ଆଞ୍ଜେନେୟଙ୍କ ଆଳତି ପରେ ଭଜନ ସନ୍ଧ୍ୟା ହୋଇଥିଲା। ପଣ୍ଡିତ ବିନୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ୧୬ଜଣ ପଣ୍ଡିତ ପୂଜାକାର୍ଯ୍ୟ ତୁଲାଇଥିଲେ। ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ପରିଚାଳନା କରିଥିଲେ।

# ୫ ବର୍ଷ ମଧ୍ୟରେ ରେଳ ସେବା ପାଇବେ ମାଲକାନଗିରିବାସୀ

- ବିଶାଖାପାଟଣା ଡିଆର୍‌ଏମ୍‌ଙ୍କ ମାଲକାନଗିରି ଗସ୍ତ
- ଜୟପୁର-ମାଲକାନଗିରି ରେଲଲାଇନ ପାଇଁ ୬ ମାସରେ ଜମି ଅଧିଗ୍ରହଣ ସରିବ

ମାଲକାନଗିରି,୧୬।୪(ଡି.ଏନ୍.ଏ.)

ଆସନ୍ତା ୬ମାସ ମଧ୍ୟରେ ରେଲଲାଇନ ନେଇ ରହିଥିବା ଜମି ଅଧିଗ୍ରହଣ କାର୍ଯ୍ୟ ସରିବ। ୫ବର୍ଷ ମଧ୍ୟରେ ମାଲକାନଗିରିବାସୀ ରେଳ ସେବା ପାଇବେ। ରେଲଲାଇନ କାର୍ଯ୍ୟର ସମୀକ୍ଷା ପାଇଁ ଶନିବାର ମାଲକାନଗିରି ଜିଲାକୁ ଗସ୍ତରେ ଆସିଥିବା ବିଶାଖାପାଟଣା ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆର୍‌ଏମ୍) ଅନୁପ କୁମାର ଶତପଥୀ ଏହା ପ୍ରକାଶ କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ରାଜସ୍ୱ ବିଭାଗ ପଦାଧିକାରୀଙ୍କ ସହ ରେଳ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ସେ ଆଲୋଚନା କରିଥିଲେ। ଏହି ଅବସରରେ ଶତପଥୀ ସୂଚନା ଦେଇ କହିଥିଲେ, ଜୟପୁରଠାରୁ ମାଲକାନଗିରି ୧୩୦ କିଲୋମିଟର ରେଳ ଲାଇନର ୨୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ୬ ମାସ ମଧ୍ୟରେ ରହିଥିବା ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରିବାକୁ ଆଲୋଚନା ବେଳେ ସେ ଗୁରୁତ୍ୱାରୋପ କରିଥିଲେ। ଜମି ଅଧିଗ୍ରହଣ ଶେଷ ପରେ ଅଗ୍ରାଧିକାର ଭିତ୍ତିରେ ବଜେଟର ବରାଦ ଅର୍ଥ ଅନୁଯାୟୀ କାର୍ଯ୍ୟ ତ୍ୱରାନ୍ୱିତ ହେବ।



ମାଲକାନଗିରି ଗସ୍ତରେ ଆସିଥିବା ଡିଆର୍‌ଏମ୍।

୫ ବର୍ଷ ମଧ୍ୟରେ ମାଲକାନଗିରିବାସୀଙ୍କ ପାଇଁ ରେଲସେବା ଉପଲବ୍ଧ ହେବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଡିଆର୍‌ଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାଲକାନଗିରି ଜିଲାରେ ଅନେକ ପ୍ରସ୍ତାବିତ ଖଣି ଥିଲେ ମଧ୍ୟ ମାଲ ପରିବହନ ପାଇଁ ରେଲଲାଇନ ନ ଥିବାରୁ ଜିଲାର ବିକାଶ ହୋଇପାରୁନାହିଁ। ଭାରତ ସରକାରଙ୍କ ଆକାଂକ୍ଷା ଯୋଜନାରେ ମାଲକାନଗିରିର ବିକାଶ ପାଇଁ ରେଲଲାଇନର ଜରୁରୀ ଆବଶ୍ୟକତା ରହିଛି। ତୁରନ୍ତ ରେଲଲାଇନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଦୁର୍ଯ୍ୟୋଧନ ପାତ୍ର, ରାମ ପଟ୍ଟନାୟକ, ଦିଲୀପ ପରିଚ୍ଛା, ଦୁର୍ଗା ତ୍ରିପାଠୀ, ଲମ୍ବୋଦର ଢୁରୁକ, ନୃସିଂହ ଚରଣ ମହାନ୍ତି, ପରେଶ ଚନ୍ଦ୍ର ମହାନ୍ତି, ଦେବବ୍ରତ ସାନା, ଜିତେନ୍ଦ୍ର ବେଉରିଆଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଡିଆର୍‌ଏମ୍‌ଙ୍କୁ ଭେଟିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରଧାନ କହିଛନ୍ତି, ଜିଲାରେ ରେଲଲାଇନ ନିମନ୍ତେ ୬ ମାସ ମଧ୍ୟରେ ଚୂଡ଼ାନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରାଯିବ।

## ମୁଖ୍ୟ ଅଭିଯୁକ୍ତ ଲକି କୋର୍ଟ ଚାଲାଣ

### ମୋବାଇଲ୍ ଗେମ୍ ପାଇଁ ନାବାଳକଙ୍କୁ ହତ୍ୟା ମାମଲା

କୋରାପୁଟ,୧୬।୪(ସ୍ୱ.ପ୍ର.)

କୋରାପୁଟ ଟାଉନ ଥାନା ଅଧୀନ ମସିପୁଟ ଗ୍ରାମରେ ମୋବାଇଲ୍ ଗେମ୍‌କୁ ନେଇ ଜଣେ ନାବାଳକକୁ ତାଙ୍କର ଦୁଇ ସାଙ୍ଗ ପଥରରେ ଛେଚି ହତ୍ୟା କରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଲକି ମାଳୀ(୧୯)ଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟତମ ନାବାଳକ ଅଭିଯୁକ୍ତଙ୍କୁ ଜୟପୁରସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯାଇଥିବା ଟାଉନ ଥାନା ଅଧିକାରୀ ଧୀରେନ୍ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ୩ ସାଙ୍ଗ ମିଶି ମୋବାଇଲ୍ ଫୋନ୍‌ରେ ଫ୍ରି ଫାୟାର୍ ଗେମ୍ ଖେଳୁଥିଲେ। ଏଥିରେ ଲୁଲୁ ହାରିଯାଇଥିଲେ। ଫଳରେ ପାଖରେ ଥିବା ଲକି ଏବଂ ଅନ୍ୟଜଣେ ନାବାଳକ ସାଙ୍ଗ ଖେଳିବା ପାଇଁ ଲୁଲୁଙ୍କୁ ଫୋନ୍ ମାଗିଥିଲେ। ଲୁଲୁ ଫୋନ୍ ଦେବାକୁ ମନା କରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ଲକି ଏବଂ ତାଙ୍କ ସାଙ୍ଗ ପଥରରେ ଲୁଲୁଙ୍କୁ ଆକ୍ରମଣ କରିଥିଲେ। ଲୁଲୁ ଅଚେତ ହୋଇ ତଳେ ପଡ଼ିଯିବାରୁ ସେ ମରିଯାଇଥିବା ଭାବି ତାଙ୍କୁ ଘୋଷାଡ଼ି ନେଇ କୋଲବ ନଦୀରେ ଫିଙ୍ଗି ଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ବିଫଳ ହୋଇଥିବାବେଳେ ଶୁକ୍ରବାର ଲୁଲୁଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖି ମା' ଟାଉନ ଥାନା ପୋଲିସକୁ ଜଣାଇଥିଲେ।

# ମଞ୍ଚସ୍ଥ ହେଲା 'ଅନୁଭବର ଈଶ୍ୱର', 'ଅମର ବର'

ଦାମନଯୋଡି,୧୬।୪(ଡି.ଏନ.ଏ.)

ଦାମନଯୋଡି 'ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ'ର ପଞ୍ଚମ ସନ୍ଧ୍ୟାରେ ରାଉରକେଲାର ସାଂସ୍କୃତିକ କଳା ପରିଷଦ ସଂକଳ୍ପ, ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ଅନୁଭବର ଈଶ୍ୱର'। ନାଟକରେ ଜଣେ ଅଲିଅଳି ଝିଅ 'ସୀମା' ଜୀବନରେ ଦୁର୍ଦ୍ଦଶା ଆସିଛି। ଦଗ୍ଧିଭୁତ ଜୀବନରେ ଜୀଇଁବାର ଆଶା ହରେଇ ଥିବା ବେଳେ ସୀମାଙ୍କ ଜୀବନରେ ଜଣେ ଅଜଣା ଆଗନ୍ତୁକ ଆସିଛନ୍ତି। ପରେ ତାଙ୍କ ଜୀବନରେ ବଞ୍ଚିବାର ମହତ୍ୱାକାଂକ୍ଷାକୁ ନେଇ ନାଟକ ଗତିଶୀଳ ହୋଇଛି। ପ୍ରଭାକର ପାତ୍ର ନାଟକ ରଚନା କରିଥିବା ବେଳେ ସଂଗ୍ରାମ କିଶୋର ପତି ନିର୍ଦ୍ଦେଶନା ଦେଇଥିଲେ। ଅଶୋକ କୁମାର ବଳ, ମନୋଜ ନାୟକ, ପ୍ରଣବ ପାଣିଗ୍ରାହୀ, କୁମାର ଦେବ, ଦିବ୍ୟେନ୍ଦୁ କୁଣ୍ଡୁ, ଶୁଭଶ୍ରୀ ଦାଶ ଓ ମମତାଞ୍ଜଳି ଦାସ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

ଦ୍ୱିତୀୟ ନାଟକ 'ଅମର ବର' ପରିବେଷଣ କରିଥିଲେ ଭୁବନେଶ୍ୱରର 'ତରଙ୍ଗ ଥିଏଟର'। ଜିତେନ୍ଦ୍ର ନାଥ ମହାପାତ୍ରଙ୍କ ରଚନାରେ ନିର୍ଦ୍ଦେଶନା ଦେଇଥିଲେ ଜ୍ଞାନରଞ୍ଜନ ସାଥୁଆ। ଜଣେ ନାରୀ ପାଇଁ କଳାକାର ଚକରା କଳାକାର ଜୀବନରୁ ଓହରିବାକୁ ନିଷ୍ପତ୍ତି



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

**ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା**

ନେଇଛନ୍ତି। ଶେଷରେ ନିଜ ଭୁଲ ବୁଝିପାରି ସେ ପୁଣି ଅଭିନୟକୁ ଫେରିଛନ୍ତି। ଏପରି ଏକ କଥାବସ୍ତୁକୁ ଟେକି ଧରିଛି ନାଟକ 'ଅମର ବର'। ନିଳାଦ୍ରି ମିଶ୍ର, ଅବନ୍ତୀ ନାରାୟଣ ଚୌହାନ, ଯଯାତି କେଶରୀ ମହାନ୍ତି, ସୁନୀଲ ଭୋଇ, ରାକେଶ ବାରିକ, ମନୋଜ ପଣ୍ଡା, ଭରତ ଛତ୍ରିଆ, ସଚିନ, ବନିତା ନାୟକ, ମନ୍ମଥ ସାମଲ, ସ୍ମିତାଞ୍ଜଳି ଦାସ, ଜ୍ଞାନ ରଞ୍ଜନ, ସସ୍ମିତ ସାହୁ, ଆୟୁଷ ଓ ଅବିନାଶ ଅଭିନୟ କରିଥିଲେ। ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ନାଲକୋ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶିଲ କୁମାର ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମୂହ ମହାପ୍ରବନ୍ଧକ ଭୀମସେନ ପ୍ରଧାନ, ବିକାଶ ପଣ୍ଡା, ନେତ୍ରାନନ୍ଦ ମହାରଣା ଓ ପ୍ରମୋଦ ବେହେରା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ସୁଶାନ୍ତ କର ଓ ନିର୍ମଳ ରାଉତ ମଞ୍ଚ ସଂଯୋଜନା କରିଥିଲେ। ଶିବ ଦାସ, ଶୁଭ୍ରକାନ୍ତ, ବିଶ୍ୱଜିତ ମିଶ୍ର, ରଂଜୟ କାନୁନଗୋ, ନିହାର ରଞ୍ଜନ ସାମଲ, ପଞ୍ଚାନନ ସାଥୁଆ ଓ ଚିତ୍ତ ରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ନାଚଗୀତ କରି ନବବର୍ଷ ପାଳିଲେ ବଙ୍ଗୀୟ ସମ୍ପ୍ରଦାୟ ଲୋକେ

ଉମରକୋଟ, ୧୬।୪(ସ୍ୱ.ପ୍ର.)

ଉମରକୋଟ ଅଞ୍ଚଳରେ ବସବାସ କରୁଥିବା ବଙ୍ଗୀୟ ସମ୍ପ୍ରଦାୟ ଲୋକେ ବଙ୍ଗୀୟ ନବବର୍ଷ ପାଳନ କରିଛନ୍ତି। ଉମରକୋଟ ନିକଟସ୍ଥ ଡଙ୍ଗରିଗୁଡା କାଳୀ ମନ୍ଦିର ନିକଟରେ ରବୀନ୍ଦ୍ର ସାଂସ୍କୃତିକ ପରିଷଦ ପକ୍ଷରୁ ଏକ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ବିଇଓ ବିକାଶ ଚନ୍ଦ୍ର ସରକାର ମୁଖ୍ୟ ଅତିଥି, ୧ ନଂ ୱାର୍ଡ କାଉନସିଲର ତପନ କୁମାର ଦେବନାଥ ମୁଖ୍ୟବକ୍ତା, ଏବିଇଓ ରମେଶ ରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷକ ବଙ୍କିମ ମଣ୍ଡଳ ଓ ସପନ ରାୟ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କାଉନସିଲର ତପନ ଦେବନାଥ, ସଞ୍ଜୟ ସରକାର, ରେବାରାଣୀ ମଣ୍ଡଳ ଓ ଶିଖାରାଣୀ ସରକାରଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପରେ ସ୍ଥାନୀୟ କଳାକାରମାନେ ଗୀତ, ନାଚ ପରିବେଷଣ କରିଥିଲେ। ଶିକ୍ଷକ ଇନ୍ଦ୍ରନୀଲ କର ତବଲା ବାଦନ, ଜୟନ୍ତ ସାନା ହାରମନିୟମ ବଜାଇଥିଲେ। ରବିନ୍ଦ୍ର ସାଂସ୍କୃତିକ ପରିଷଦ ସଭାପତି ବିବେକାନନ୍ଦ ବୈଦ୍ୟ, ସଞ୍ଜିତ ମଣ୍ଡଳ, ସପନ ରାୟ, ସଞ୍ଜିତ ବିଶ୍ୱାସ, ରଞ୍ଜିତ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉମରକୋଟ ଆଖପାଖ ଅଞ୍ଚଳର ସବୁ ବଙ୍ଗୀୟ ଗ୍ରାମରେ ନବବର୍ଷ ପାଳନ କରାଯାଇଛି।

# ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ପ୍ରତାରଣା

**୫ ଜଣଙ୍କ ନାମରେ ମାମଲା**

ଜୟପୁର, ୧୬।୪ (ନି.ପ୍ର.)

ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ପ୍ରତାରଣା କରାଯାଇଥିବା ନେଇ ବି.ସିଂପୁର ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ୨୨ ବର୍ଷୀୟା ଯୁବତୀ ଶନିବାର ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ୫ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସମ୍ପୃକ୍ତ ଗ୍ରାମର ଏହି ଯୁବତୀଙ୍କ ସହ ଭଗବାନ ଗୌଡ଼ଙ୍କ ୨ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ମାତ୍ର ୧ ମାସ ହେଲା ଅନ୍ୟ ଜଣେ ଯୁବତୀଙ୍କ ସହ ଭଗବାନଙ୍କ ନିର୍ବନ୍ଧ ସରିଛି। ଏହି ଖବର ଜାଣି ସମ୍ପୃକ୍ତା ଯୁବତୀ ଘରେ ସବୁ କହିଥିଲେ। ତାଙ୍କୁ ବିବାହ କରିବା ଲାଗି ତାଙ୍କ ପରିବାର ଲୋକେ ଭଗବାନଙ୍କ ନିକଟକୁ ଯାଇ ତାଙ୍କୁ ଅନୁରୋଧ କରିଥିଲେ। ଏହି ସମୟରେ ଭଗବାନଙ୍କ ସହ ତାଙ୍କ ୪ ଭାଇ ମିଶି ସମ୍ପୃକ୍ତା ଯୁବତୀଙ୍କ ପରିବାର ଲୋକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ଯୁବତୀଙ୍କ ପରିବାର ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

## ଉଦ୍‌ଘାଟନ ଅପେକ୍ଷାରେ ଦମକଳ କେନ୍ଦ୍ର

ଚିତ୍ରକୋଣ୍ଡା,୧୬।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତ ଅଞ୍ଚଳରେ ପ୍ରତି ବର୍ଷ ଡଙ୍ଗାବୁଡ଼ି ଏବଂ ନଦୀରେ ଭାସିଯାଇ ଅନେକ ଲୋକ ପ୍ରାଣ ହରାଉଛନ୍ତି। ଅଞ୍ଚଳବାସୀଙ୍କ ବଡ଼ ସମସ୍ୟା ଥିଲା ଦମକଳ କେନ୍ଦ୍ର। ନଦୀରେ ହଠାତ ଡଙ୍ଗା ବୁଡ଼ି ଘଟଣା ଘଟିଲେ କୋରୁକୋଣ୍ଡା, ଗୁମ୍ମା ଏବଂ ମାଥିଲିରୁ ଦମକଳ ବାହିନୀ ଆସି ଲୋକଙ୍କୁ ଉଦ୍ଧାରକଲା ବେଳକୁ ବହୁ ଲୋକ ଅକାଳରେ ପ୍ରାଣ ହରାଉଥିଲେ। ଉକ୍ତ ସମସ୍ୟା ଧରିତ୍ରୀ ସମେତ ଅନ୍ୟ ଖବରକାଗଜରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା ଖୁବ୍ ଶୀଘ୍ର ଦମକଳ କେନ୍ଦ୍ର ପାଇଁ ଉଭୟେ ପ୍ରତିଶ୍ରୁତି ଦେଇଥିଲେ। ଏହାପରଠାରୁ ଚିତ୍ରକୋଣ୍ଡାରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠିନଂ. ୪୨୧୫୫/୨୯।୧୧।୨୧ ଅନୁଯାୟୀ ଚିତ୍ରକୋଣ୍ଡାରେ ଦମକଳ କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ ଦେଇ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କୁ ଜଣାଇଥିଲେ। ଚିତ୍ରକୋଣ୍ଡାରେ ଦମକଳ କେନ୍ଦ୍ର ଖୋଲିବାକୁ ଆସିଥିବା ପ୍ରସ୍ତାବ ମଞ୍ଜୁର କରି ଜାଗା ଚିହ୍ନଟ କରିବା ଲାଗି ଚିତ୍ରକୋଣ୍ଡା ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ତତ୍‌କ୍ଷଣାତ ଜାଗା ଚିହ୍ନଟକରି ଟ୍ରେସ୍ ମ୍ୟାପ୍ ସହ ତଥ୍ୟ ପ୍ରଦାନ କରିଥିଲେ। ଚିହ୍ନଟ ଜାଗାରେ ସ୍ଥାୟୀ ଦମକଳ କେନ୍ଦ୍ର ନିର୍ମାଣ ପୂର୍ବରୁ ମଙ୍ଗଳବାରଠାରୁ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବରେ ଦମକଳ କେନ୍ଦ୍ର ଚାଲୁ ହେବ। ସମସ୍ତ ଅଗ୍ନିଶମ କର୍ମଚାରୀଙ୍କ ସମେତ ଦମକଳ ଗାଡ଼ି ଆସି ଚିତ୍ରକୋଣ୍ଡା ରହିଛି। ଅନ୍ୟାନ୍ୟ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏକ ସପ୍ତାହ ମଧ୍ୟରେ ଅସ୍ଥାୟୀ ଦମକଳ କେନ୍ଦ୍ର ଉଦ୍‌ଘାଟନ ହେବ ବୋଲି ଜଣାପଡ଼ିଛି।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦଶମନ୍ତପୁର,୧୬।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟଠାରେ ଛାତ୍ରୀମାନଙ୍କୁ ନେଇ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପର୍ଶୁରାମ ସାହୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ପାତିକା, ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ସରୋଜ ତୁଳ, ପତିତପାବନ ସେନାପତି, ଅଧ୍ୟାପିକା ମଧୁଲିତା ପଟ୍ଟନାୟକ ଯୋଗଦେଇଥିଲେ। ୮ଦିନ ଧରି ଚାଲିଥିବା ଏହି ଆତ୍ମସୁରକ୍ଷା ତାଲିମ ଶିବିରରେ ଯୁକ୍ତ୨ର ୮୯ ଜଣ ଛାତ୍ରୀ ଯୋଗଦେଇଥିଲେ। ମହାବିଦ୍ୟାଳୟର ୨ଜଣ ପୂର୍ବତନ ଛାତ୍ରୀ ଅଙ୍କିତାରାଣୀ ଖରା ଓ ଅଞ୍ଜୁମା ତାଲିମଦାତା ରୂପେ ଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଏହି ତାଲିମ ଦ୍ୱାରା ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟମାନଙ୍କୁ ସୁରକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ତାଲିମରେ ଭାଗନେଇଥିବା ଛାତ୍ରୀମାନେ।

# ପୁରସ୍କାର ବିତରଣୀ ଉତ୍ସବ

ସୁନାବେଡା: ୧୬।୪( ସ୍ୱ.ପ୍ର.)– କୋରାପୁଟ ଜିଲା ସେମିଳିଗୁଡାସ୍ଥିତ ଏସ. ଏଜୁକେଶନ ସଂସ୍ଥା ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ନିକଟରେ ଚିତ୍ରାଙ୍କନ, ବକ୍ତୃତା, ଫେନ୍ସି ଡ୍ରେସ ଏବଂ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ସୁନାବେଡ଼ା ଏବଂ ସେମିଳିଗୁଡାର ବିଭିନ୍ନ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଭିଏସ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ସେଠ ମୁଖ୍ୟ ଅତିଥି, ପିଆଣ୍ଡିଜିର ପ୍ୟାକେଜିଂ ମୁଖ୍ୟ ଶ୍ରୀବତ୍ସ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏସ ଏଜୁକେସନ ସଂସ୍ଥାର ମୁଖ୍ୟ ପରିଚାଳକ ରାଜ ନୃସିଂହ ପଣ୍ଡା ସ୍ୱାଗତ ସୂଚନା ଦେଇଥିବା ବେଳେ ସଂସ୍ଥାର ପ୍ରତିଷ୍ଠାତା ଶିବାନୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶେଖ ଇବ୍ରାହିମ, ତାପସ ମଲ୍ଲିକ, ଅର୍ଚ୍ଚନା ଜେନା, ସନ୍ଧ୍ୟାରାଣୀ ଦାଶ, ପ୍ରୀତି ରାଠୋର, ଡ଼ାଲିଆ ସରକାର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବଲାରି ଦାସ ଧନ୍ୟବାଦ ଦେଇଥିଲେ।

# ଅନୁଭୂତି ବଖାଣିଲେ ଛାତ୍ରୀ

**ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ**

ନାରାୟଣପାଟଣା, ୧୬।୪ (ଡି.ଏନ.ଏ.)

ସ୍ଥାନୀୟ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୬ ତାରିଖରୁ ଚାଲିଥିବା ଛାତ୍ରୀଙ୍କ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭ୍ୟା ରାମ୍ଭୋ ଶିରିକା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରେବତି କୁନ୍ଦରିଆ ଯୋଗ ଦେଇଥିଲେ। ସୁଶାନ୍ତ ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ତାଲିମ ନେଇଥିବା ଛାତ୍ରୀମାନେ ନିଜ ଅନୁଭୂତି ପ୍ରକାଶ କରିଥିଲେ। ପ୍ରଶିକ୍ଷିକା ଉର୍ବଶୀ ହରପାଲ ଛାତ୍ରୀମାନଙ୍କୁ ନେଇଥିବା ପ୍ରଶିକ୍ଷଣ ପ୍ରତିଦିନ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର ସାମ୍ପ୍ରତିକ ସମାଜରେ ମହିଳାମାନେ ସୁରକ୍ଷିତ ରହିଲେ ରାଷ୍ଟ୍ରୀୟ ସୁରକ୍ଷା ବଜାୟ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ସୁଧୀର କୁମାର ଜେନା ଧନ୍ୟବାଦ ଦେଇଥିଲେ। ତାଲିମ ପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନକରାଯାଇଥିଲା।



ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

# ନାକାମାମୁଡ଼ି-ନାରିଙ୍ଗିଝୋଲା ରାସ୍ତାରେ କଟାଯାଇଛି ଶତାଧିକ ଗଛ

- ଗଛକଟାକୁ ନେଇ ନୀରବ ବିଭାଗୀୟ କର୍ମଚାରୀ
- ବନ ସୁରକ୍ଷା ସମିତି ସହ କର୍ମଚାରୀଙ୍କ ରହୁନି ସମ୍ପର୍କ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଡିଏଫ୍‌ଓ

ମାଲକାନଗିରି,୧୬।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଭରପୂର ରହିଛି ଜଙ୍ଗଲ ସମ୍ପଦ। ମାତ୍ର କେତେଜଣ ବିଭାଗୀୟ କର୍ମଚାରୀ ଏବଂ ବନ ସଂରକ୍ଷଣ ସମିତି ଅବହେଳାରୁ ଜଙ୍ଗଲରୁ ଶତାଧିକ ଗଛ କଟାଯାଉଥିବା ଅଭିଯୋଗ ହେଉଛି। ମାଲକାନଗିରି ଜିଲା ବାଲିମେଲା ରେଞ୍ଜ ପାହାଡ଼ ଉପରେ ଥିବା ନାକାମାମୁଡି–ନାରିଙ୍ଗିଝୋଲା ରାସ୍ତା ପାର୍ଶ୍ୱରେ ଶତାଧିକ ଗଛ କଟାଯାଇଥିବା ଦେଖିବାକୁ ମିଳିଛି। ଏହି ଗଛଗୁଡ଼ିକ ରାସ୍ତାପାର୍ଶ୍ୱରେ ପଡ଼ିଛି। ଜଙ୍ଗଲ ସୁରକ୍ଷା ନେଇ ବନ ବିଭାଗ କର୍ମଚାରୀଙ୍କୁ ସହଯୋଗ କରିବା, ନିଜ ଅଞ୍ଚଳର ଜଙ୍ଗଲକୁ ସୁରକ୍ଷା ଦେବା, ଜଙ୍ଗଲ ମାଫିଆଙ୍କୁ ଧରିବାକୁ ଜିଲାରେ ଜଙ୍ଗଲ ଅଞ୍ଚଳର ଗ୍ରାମଗୁଡ଼ିକୁ ନେଇ ୨୦୦୦ରୁ ଉର୍ଦ୍ଧ୍ୱ ବନ ସଂରକ୍ଷଣ ସମିତି ଗଠନ କରାଯାଇଛି। ସରକାରଙ୍କ ଯୁଗ୍ମ ବନ ପରିଚାଳନା ନିୟମ ଅନୁଯାୟୀ ନିଜ ଗ୍ରାମ ନିକଟ ଜଙ୍ଗଲକୁ ସୁରକ୍ଷା କଲେ ସେହି ଜଙ୍ଗଲରୁ ୫୦ ପ୍ରତିଶତ ଅଧିକାର ବନ ସୁରକ୍ଷା ସମିତି ପାଇବେ। ୮୪ ପ୍ରକାର ଲଘୁ ବନଜାତ ଦ୍ରବ୍ୟ ଅଞ୍ଚଳବାସୀ ବିନା ରୟାଲଟିରେ ସଂଗ୍ରହକରି ଆଦିବାସୀ ଉନ୍ନୟନ ସଂସ୍ଥାକୁ ବିକ୍ରି କରିବା, ସୁରକ୍ଷା ଦେଉଥିବା ବନ ସଂରକ୍ଷଣ ସମିତି ଜଙ୍ଗଲରୁ ଶତ ପ୍ରତିଶତ ବାଉଁଶ ବିନା ମୂଲ୍ୟରେ ନିଜର ବ୍ୟବହାର ପାଇଁ ନେଇପାରିବେ ବୋଲି ନିୟମ ରହିଛି। ଅନ୍ୟପକ୍ଷରେ ବନ ସୁରକ୍ଷା ସମିତି ଅଞ୍ଚଳର ଦାୟିତ୍ୱରେ ଥିବା ବନରକ୍ଷୀ ଜଙ୍ଗଲ ସୁରକ୍ଷା, ବନ ସଂରକ୍ଷଣ ସମିତି ସହ ସମ୍ପର୍କ, ଶିକାରୀ, ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତି, ଗଛ କାଟୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହକରି ସମିତି ସହଯୋଗରେ ମାମଲା ରୁଜୁ କରିବା ନିୟମ ଥିଲେ ମଧ୍ୟ ଏହି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଉଛି। ଜଙ୍ଗଲରୁ ଗଛ କଟାଯାଇଥିବା ଅଞ୍ଚଳ ବାଲିମେଳା ବନାଞ୍ଚଳ ଅଧୀନରେ ଯାଉଥିବା ବେଳେ ଏହା କୁଡୁମୁଲୁଗୁମ୍ମା ଏବଂ ବାଲିମେଳା ବନପାଳ ଉଭୟଙ୍କ ଦାୟିତ୍ୱରେ ରହିଛି। ତୁରନ୍ତ ଗଛ କାଟୁଥିବା ଲୋକଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମାଲକାନଗିରି ଡିଏଫ୍‌ଓ ପ୍ରତାପ କତାପାଲ୍ଲିଙ୍କୁ ପଚାରିବାରୁ ସେ କହିଲେ, ଏହାର ତଦନ୍ତ କରାଯାଇ କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



